# ରାଉରକେଲା ମହାନଗର ନିଗମ, ରାଉରକେଲା

ଉଦିତ୍ ନଗର, ରାଉରକେଲା, ୭୬୯୦୧୨, ଦୂରଭାଷ: : (୦୬୬୧-୨୫୦୦୩୮)


ଚିଠି ସଂଖ୍ୟା: 4178 ତାରିଖ: 17-04-23

## ଭେଣ୍ଡିଂ ଜୋନ୍ ରେ ଦୋକାନ ଗୃହ/ ପିଣ୍ଡି/ଖାଲି ସ୍ଥାନ ପାଇବା ନିମନ୍ତେ ଆବେଦନ

ଏତ ଦ୍ୱାରା ରାଉରକେଲା ମହାନଗର ନିଗମ ଅଧିନରେ ଜେଲ୍ ରୋଡ଼ (ଗାର୍ଡେନ ବାର) ଓ ରଘୁନାଥପାଲି ପୋଷ୍ଟ ଅଫିସ ନିକଟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍ ରେ ଖାଲିଥିବା ଦୋକାନ ଗୃହ/ ପିଣ୍ଡି/ଖାଲି ସ୍ଥାନ ଆବଣ୍ଟନ ନିମନ୍ତେ ଷ୍ଟ୍ରିଟ୍ ଭେଣ୍ଡରଙ୍କ ଠାରୁ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଅଛି । ତେଣୁ ଇଚ୍ଛୁକ ଷ୍ଟ୍ରିଟ୍ ଭେଣ୍ଡର ମାନେ ତା ୧୭-୦୪-୨୦୨୩ ରିଖ ଠାରୁ ତା ୨୬-୦୪-୨୦୨୩ ରିଖ (ଅପରାହ୍ନ ୧ ଘଟିକା) ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ/ମୁଦା ଲଫାଫାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା । ଦୋକାନ ଗୃହ/ ପିଣ୍ଡି/ଖାଲି ସ୍ଥାନ ଆବଣ୍ଟନ ସମୟରେ ଷ୍ଟ୍ରୀଟ ଭେଣ୍ଡର ପରିଚୟ ପତ୍ର ଅନୁଯାଇ, ଭେଣ୍ଡିଂ ଜୋନ୍ ନିକଟ ଅଞ୍ଚଳରେ ବ୍ୟବସାୟ କରୁଥିବା ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଅଗ୍ରାଧିକାର ଦିଆଯିବ । ମୁଦା ଲଫାଫା ଉପରେ "ଷ୍ଟ୍ରିଟ୍ ଭେଣ୍ଡର ରେଜିଷ୍ଟ୍ରେସନ୍ ନମ୍ବର:_______________, ଭେଣ୍ଡିଂ ଜୋନର ନାମ:____________" ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଅଧିକ ବିବରଣୀ କିମ୍ବା ଆବେଦନ ପତ୍ର ପାଇବା ପାଇଁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ପ୍ରକୋଷ୍ଠ ସଂଖ୍ୟା-୧୧ ରେ ଯୋଗାଯୋଗ କରିପାରିବେ ।

### ସର୍ତ୍ତାବଳୀ, ଆବଶ୍ୟକ ଯୋଗ୍ୟତା ଓ ନଥି ପତ୍ର (ଡକ୍ୟୁମେଣ୍ଟ୍)

୧- ଷ୍ଟ୍ରିଟ୍ ଭେଣ୍ଡରଙ୍କ ରାଉରକେଲା ମହାନଗର ନିଗମ ଅଧିନରେ ପଞ୍ଜୀକରଣ ହୋଇଥିବା ଜରୁରୀ ଅଟେ ।

୨- ଷ୍ଟ୍ରୀଟ ଭେଣ୍ଡର ପରିଚୟ ପତ୍ର ଅନୁଯାଇ, ଭେଣ୍ଡିଂ ଜୋନ୍ ନିକଟ ଅଞ୍ଚଳରେ ବ୍ୟବସାୟ କରୁଥିବା ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଅଗ୍ରାଧିକାର ଦିଆଯିବ ।

୩- ଭେଣ୍ଡିଂ ଜୋନ୍ ରେ ଦୋକାନ ଗୃହ/ ପିଣ୍ଡି/ଖାଲି ସ୍ଥାନ ପାଇଁ ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ମାସିକ ଭଡା ଓ ଅନ୍ୟାନ୍ୟ ଦେୟ ।

| କ୍ର: ସଂ: | ଦୋକାନ ଗୃହ ପ୍ରକାର | ଅମାନତ ଜମା (ଟଙ୍କା) | ମାସିକ ଭଡା (ଟଙ୍କା) | ମାସିକ ସାନିଟେସନ୍ ଦେୟ (ଟଙ୍କା) |
|---|---|---|---|---|
| ୧ | ଦୋକାନ ଗୃହ | ୧୦୦୦୦ | ୬୦୦ + GST | ୬୦ |
| ୨ | ପିଣ୍ଡି | ୫୦୦୦ | ୪୦୦+ GST | ୬୦ |
| ୩ | ଖୋଲା ସ୍ଥାନ | ୨୦୦୦ | ୩୦୦+ GST | ୬୦ |

୪- ଖାଲିଥିବା ଦୋକାନ ଗୃହ/ପିଣ୍ଡି/ଖୋଲା ସ୍ଥାନ (ଆନୁମାନିକ):

| କ୍ର: ସଂ: | ଭେଣ୍ଡିଂ ଜୋନ ର ନାମ | ଖାଲିଥିବା ଦୋକାନ ଗୃହ ସଂଖ୍ୟା | ଖାଲିଥିବା ପିଣ୍ଡି ସଂଖ୍ୟା | ଖାଲିଥିବା ଖୋଲା ସ୍ଥାନ ସଂଖ୍ୟା | ସମୁଦାୟ |
|---|---|---|---|---|---|
| ୧ | ଗାର୍ଡେନ ବାର ପାଖ | ୫୨ | ୧୦ | ୨୦ | ୮୨ |
| ୨ | ରଘୁନାଥପାଲୀ ପୋଷ୍ଟ ଅଫିସ ପାଖ | ୫ | ୯ | ୫ | ୧୯ |

ଆବଶ୍ୟକ ସ୍ଥଳେ ଦୋକାନ ଘର ସଂଖ୍ୟା କମ୍ କିମ୍ବା ବେଶୀ ହୋଇପାରେ ।

୫- କେଉଁ ଭେଣ୍ଡରଙ୍କୁ କି ପ୍ରକାର ଦୋକାନ (ଯଥା; ଦୋକାନ ଗୃହ/ପିଣ୍ଡି/ଖୋଲା ସ୍ଥାନ) ଆବଣ୍ଟନ କରାଯିବ ତାହା ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ନିଷ୍ପତି ନେବ ।

୬- ଷ୍ଟ୍ରୀଟ ଭେଣ୍ଡର ଦୋକାନ ଗୃହର ବିଦ୍ୟୁତ୍ ସଂଯୋଗ ଖର୍ଚ୍ଚ, ଜଳ ଓ ବିଦ୍ୟୁତ ମାସିକ ଦେୟ ନିଜସ୍ୱ ରୂପେ ବହନ କରିବେ

୭- ଆବଣ୍ଟନକାରୀ ଆବଣ୍ଟିତ ପରିସରର ଗଢଣ ସଂରଚନା ପରିବର୍ତ୍ତନ ବା କୌଣସି ପୁନଃନିର୍ମାଣ କରିପାରିବେ ନାହିଁ

୮- ଆବଶ୍ୟକ ସ୍ଥଳେ ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି କର୍ତ୍ତୃପକ୍ଷ ଉପରେ ଦିଆଯାଇଥିବା ବିଭିନ୍ନ ପ୍ରକାର ଦୋକାନ ସଂଖ୍ୟାକୁ ପରିବର୍ତ୍ତନ କରିପାରିବେ ।

୯- ସଫଳ ଆବେଦନକାରୀ ୭ ଦିନ ଭିତରେ ଅମାନତ ଟଙ୍କା ଜମା କରିବେ ଅନ୍ୟଥା ୨ୟ ସଫଳ ଆବେଦନକାରୀଙ୍କ ସପକ୍ଷରେ ଆବଣ୍ଟନ ସିଦ୍ଧ କରାଯିବ ।

୧୦- ଦୋକାନ ଘର / ପିଣ୍ଡି / ଖୋଲା ସ୍ଥାନ ଆବଣ୍ଟନ ପୂର୍ବରୁ ପୂର୍ବରୁ ଉଲ୍ଲେଖ କରାଯାଇଥିବା ଅମାନତ ଟଙ୍କା ଜମା କରିବେ, ଯାହାକି ଚୁକ୍ତିନାମାର କୌଣସି ସର୍ତ୍ତ ଉଲ୍ଲଂଘନ ପାଇଁ ଅର୍ଥଦଣ୍ଡ ସ୍ୱରୂପ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ ବାଜ୍ୟାପ୍ତି ହୋଇପାରେ ।

୧୧- ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ ।

୧୨- ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟିର ନିଷ୍ପତ୍ତି ଚୂଡାନ୍ତ ଅଟେ ।

୧୩- ନିର୍ଦ୍ଦିଷ୍ଟ ବର୍ଗର ଷ୍ଟ୍ରୀଟ ଭେଣ୍ଡର ମାନଙ୍କ ପାଇଁ ପ୍ରତ୍ୟେକ ଭେଣ୍ଡିଂ ଜୋନରେ ୩ ଗୋଟି ଦୋକାନ ଘର ସଂରକ୍ଷିତ ରହିବ ।

୧୪- ସାର୍ଟିଫିକେଟ୍ ଅଫ୍ ଭେଣ୍ଡିଂରେ ଉଲ୍ଲେଖ କରାଯାଇଥିବା ଷ୍ଟ୍ରିଟ୍ ବିକ୍ରେତାଙ୍କ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କେହି ଆବଣ୍ଟନ କରାଯାଇଥିବା ଦୋକାନ ଘର/ପିଣ୍ଡି/ଖୋଲା ସ୍ଥାନରେ ବସିପାରିବେ ନାହିଁ, ନଚେତ୍ ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ଦ୍ୱାରା ଦୋକାନ / ପିଣ୍ଡି / ଖୋଲା ସ୍ଥାନ ଆବଣ୍ଟନ ଚୁକ୍ତି ବାତିଲ କରିଦିଆଯିବ ।

୧୫- ଦୋକାନ ଗୃହ/ ପିଣ୍ଡି/ଖାଲି ସ୍ଥାନ ଆବଣ୍ଟନ ପରେ ଷ୍ଟ୍ରୀଟ ଭେଣ୍ଡର କିମ୍ବା ତାଙ୍କ ପରିବାରର ସଦସ୍ୟ/ସଦସ୍ୟା ଯଦି ରାଉରକେଲା ମହାନଗର ନିଗମ ଅନ୍ତର୍ଗତ କୌଣସି ଖୋଲା ସ୍ଥାନରେ (ଅନଧିକୃତ) ଭେଣ୍ଡିଂ କରନ୍ତି, ତାହେଲେ ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ଆବଣ୍ଟନ କରାଯାଇଥିବା ଦୋକାନ ଘର / ପିଣ୍ଡି / ଖୋଲା ସ୍ଥାନର ଚୁକ୍ତି ବାତିଲ କରିବା ପାଇଁ ବାଧ ହେବ ।

୧୬- ଭେଣ୍ଡିଂ ଜୋନରେ ଦୋକାନ ଘର / ପିଣ୍ଡି / ଖୋଲା ସ୍ଥାନ ପାଇବା ନିମନ୍ତେ ଆବେଦନ ପତ୍ରରେ ଉଲ୍ଲେଖ ଥିବା ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ପଡିବ, ଅନ୍ୟଥା ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ଆବେଦନ ପତ୍ରଟିକୁ ରଦ୍ଦ କରିପାରିବେ ।

୧୭- ରାଉରକେଲା ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ
Municipal Commissioner
Rourkela Municipal Corporation

ପରିପତ୍ର ସଂଖ୍ୟା : ୪୧୭୩ ତାରିଖ: 17-04-2023

- ଏହାର ଏକ କିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କୁ ରାଉରକେଲା ସହରରେ ଏକ ବହୁଳ ପ୍ରସାରିତ ଦୈନିକ ଓଡିଆ ଖବର କାଗଜରେ ତା ୧୭/୦୪/୨୩ ରିଖ ପ୍ରକାଶନ ପାଇଁ ଅନୁରୋଧ କରାଗଲା । ବିଜ୍ଞାପନର ଅକ୍ଷରର ଆକାର ୮ ପଏଣ୍ଟ ରହିବା ଆବଶ୍ୟକ ଏବଂ ଏହାର ମୂଲ୍ୟ ବିଭାଗର ନିର୍ଦ୍ଧାରିତ ମୂଲ୍ୟରେ ହେବା ଉଚିତ୍ ।

- ଏହି ବିଜ୍ଞପ୍ତିର ଏକ କିତା ନକଲ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

- ଏହାର ଏକ କିତା ନକଲ ରାଉରକେଲା ମହାନଗର ନିଗମ ୱେବସାଇଟ୍ ରେ ପ୍ରକାଶନ କରିବା ପାଇଁ MIS Programmer ଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ
Municipal Commissioner
Rourkela Municipal Corporation

# ROURKELA MUNICIPAL CORPORATION, ROURKELA

## Application Form For Allotment of Space/Shop in the Vending Zone

1. Name of the Street Vendor:
2. Father Name:
3. Current Residence Address:

   At: PO:

   Via: PS:

   Dist.: Pin:

   Landmark:

PASTE YOUR PASSPORT SIZE PHOTO HERE

4. Mobile No. of the Street Vendor: (a) (b)
5. Vending Location with Landmark (as per Certificate of Vending):
6. Applied for which Vending Zone: Near Garden Bar ☐ Near Raghunathpalli Post Office ☐
7. **Except** Street Vending, You are involved in which livelihood activity? :
8. Street Vendor Registration No:
9. Selling Item/Commodity Name:
10. Street Vendor Type (as per Certificate of Vending) : Stationary Vendor ☐ Mobile Vendor ☐
11. Street Vendor of Special Category (Put ✓ mark):
    Cancer patient ☐ Destitute ☐ Distress women (single mother/widow) ☐
    Senior citizen (deserted by the family) ☐
12. Family Members Involved In the Same Vending Activity:

| Si. No. | Name of the Family Member | Relation with the Street Vendor |
|---|---|---|
| | | |
| | | |

13. Documents to be attached:

| Document Name | Status (Yes/No) |
|---|---|
| **Photocopy of Voter ID Card:** | |
| **Photocopy of Aadhaar Card:** | |
| **Photocopy of Street Vendor ID Card and Certificate of Vending issued by RMC** | |
| **Photocopy of Food License (In case of Street Food Vendor)** | |
| **Supporting Document related to the Point No-11 (If Any)** | |
| **Photocopy of NFSA/SFSA Ration Card** | |

14. Declaration: I declare that to the best of my knowledge the information given is true and correct. I understand that inaccurate, misleading, or untrue statements may result in rejection of the application.

Date:

Signature of the Street Vendor